## ଅନୁଗୋଳ ଜିଲ୍ଲାରେଆନ୍ତର୍ଜାତୀୟବରିଷ୍ଠ ନାଗରିକ ଦିବସ- ୨୦୨୩ ପାଳନ

ଅଦ୍ୟ ତା ୦୧।୧୦।୨୦୨୩ ରିଖ ରବିବାର ଦିନ ଅନୁଗୋଳ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ- ୨୦୨୩ର ପାଳନ କରାଯାଇଅଛି। ଏଥିରେଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଉଦୟ କୁମାର ମହାପାତ୍ର ଅଧକ୍ଷତା କରିଥିଲେ। ବୟସ୍କ ବ୍ୟକ୍ତିଙ୍କ ଅବଦାନକୁ ଚିହ୍ନିବା ଓ ସେମାନଙ୍କ ଜୀବନ ଉପରେ ପ୍ରଭାବ ପକାଉଥିବା ବିଷୟ ଗୁଡିକ ଆଲୋଚନା କରିବା ପାଇଁ ପ୍ରତି ବର୍ଷ ଏହି ଦିନଟିକୁ ପାଳନ କରାଯାଏ।

ଏହା କାର୍ଯ୍ୟ କ୍ରମଟିକୁ ଏକ ଯୋଗ ଶିବିରରୁ ଆରମ୍ଭ କରଯାଇଥିଲା। ଏଥିରେ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ଦାସ, ମୁଖ୍ୟ ସଂଯୋଜକ, ପ୍ରଜ୍ଞା ଜାଗୃତି ସ୍ୱାଭିମାନ,ଅନୁଗୋଳ ଯୋଗଗୁରୁ ଭାବେ ବରିଷ୍ଠ ନାଗରିକ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହା ପରେ ଅସ୍ଥିଶଲ୍ୟ, ଭେଷଜଓ  ଚକ୍ଷୁ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଏକ ମେଗା ସ୍ୱାସ୍ଥ୍ୟ ଶିବିର ଓ Sightsaver  ସଂସ୍ଥା ଦ୍ୱାରା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।  ଏଥିରେ AIRA  ସଂସ୍ଥା ଦ୍ୱାରା ପରିଚାଳିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର ବରିଷ୍ଠ ଚିକିତ୍ସକ ଉପସ୍ଥିତ ଥିଲେ ଓ ଜିନ୍ଦାଲ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନ "ସ୍ୱସ୍ତି ଏକ୍ସପ୍ରେସ"  ଦ୍ୱାରା ଫିଜିଓଥେରପି କରାଯାଇଥିଲା। ଏହା ପରେ ଏକ ସାଧାରଣ ସଭାର ଆୟୋଜନ କରଯାଇଥିଲା। ଏହି ଦିନ ଆମର ବରିଷ୍ଠ ନାଗରିକଙ୍କ ଅବଦାନ, ଜ୍ଞାନ, ସମ୍ମାନ ଏବଂ ସେମାନଙ୍କ ଅବଶ୍ୟକତା ଓ ସୁସ୍ଥତା ଉପରେ ଆଲୋକପାତ କରା ଯାଇଥିଲା। ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଥିବା ଯୋଜନାଗୁଡିକ ଅବଗତ କରଯାଇଥିଲା। ବରିଷ୍ଠ ନାଗରିକ ସଂଘ ର ସଭାପତି/ ସମ୍ପାଦକ ମାନେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ବିଦ୍ୟାଳୟ ଗୁଡିକରେ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ ବକ୍ତୃତା/ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରଯାଇଥିଲା। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ନିଳୟ ଓ ଅମୃତ ଅନୁଷ୍ଠାନ କଳାକାର ସଂସ୍ଥା ଦ୍ୱାରା ନୃତ୍ୟ ଏବଂ ନାଟକ ପରିବେଷଣ କରଯାଇଥିଲା।

ଏହା ସହିତ ଶୀଯୁକ୍ତ ବିଶ୍ୱ ବିହାରୀ ମହାନ୍ତି,ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଅନୁଗୋଳ,ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟର ଉପ ସାଧାରଣ ପରିଚାଳକ ଶ୍ରୀଯୁକ୍ତ ଆଶୁତୋଷ ମିଶ୍ର ଓ ଜିଲ୍ଲାସାମାଜିକ ସୁରକ୍ଷା ଅଧିକାରୀ, ନାରାୟଣ ମହାପାତ୍ରଙ୍କ ସମେତ ଜିଲ୍ଲାରେ ଥିବା ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଘର ସଦସ୍ୟ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।



